# NATIONAL NEWS BULLETIN (ODIA)

**7 May- 2025**

**Mid Bulletin : 1.50 p.m.**

**ମୁଖ୍ୟ ସମ୍ବାଦ**

- ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀର ଅଞ୍ଚଳର ୯ଟି ଆତଙ୍କବାଦୀ ଆଡ୍ଡାସ୍ଥଳ ସଂପୂର୍ଣ୍ଣ ଧ୍ୱଂସ

– ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ଏଲ୍‌ଓସି ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ଉପରେ ପାକିସ୍ତାନ ପକ୍ଷରୁ ଗୁଳିଗୋଳା ବର୍ଷଣ

- ପ୍ରଧାନମନ୍ତ୍ରୀଙ୍କ ଆଗାମୀ ୩ ରାଷ୍ଟ୍ରୀୟ ବିଦେଶ ଗସ୍ତ ସ୍ଥଗିତ

- ଭାରତ ଏହାର ମହାକାଶକ୍ଷେତ୍ରକୁ ଷ୍ଟାର୍ଟଅପ୍, ଉଦ୍ୟୋଗୀ ଏବଂ ଯୁବବର୍ଗଙ୍କ ପାଇଁ ଉନ୍ମୁକ୍ତ କରିଛି ବୋଲି କହିଲେ ପ୍ରଧାନମନ୍ତ୍ରୀ

- ଆଇଟିଆଇର ଉନ୍ନତୀକରଣ ଲକ୍ଷ୍ୟ ନେଇ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାକୁ କେନ୍ଦ୍ର କ୍ୟାବିନେଟ୍‌ର ମଂଜୁରୀ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି କୋଲକାତା ନାଇଟ୍ ରାଇଡର୍ସ ଓ ଚେନ୍ନାଇ ସୁପରକିଙ୍ଗ୍‌ସ ମଧ୍ୟରେ ହେବ ମୁକାବିଲା ।

## ଅପରେସନ ସିନ୍ଦୂର

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଗତକାଲି ରାତି ଗୋଟାଏ ୫ରୁ ଗୋଟାଏ ୩୦ ମଧ୍ୟରେ ଭାରତୀୟ ସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀର ଉପରେ ଆକ୍ରମଣ କରିଛି । ଫଳରେ ସେଠାକାର ୯ଟି

ଆତଙ୍କବାଦୀ ଆଡ୍ଡାସ୍ଥଳ ସଂପୂର୍ଣ୍ଣ ଭାବେ ଧ୍ୱଂସ ପାଇଛି । ଏ ନେଇ ଭାରତୀୟ ସ୍ଥଳସେନାର କଲୋନେଲ୍ ସୋଫିଆ କ୍ୟୁରେସି ଏବଂ ଭାରତୀୟ ବାୟୁସେନାର ୱିଙ୍ଗ୍ କମାଣ୍ଡର ଭୌମିକା ସିଂ ସୂଚନା ଦେଇ କହିଛନ୍ତି, ଭାରତ ପକ୍ଷରୁ କରାଯାଇଥିବା ଆକ୍ରମଣ ପହଲଗାମ ଆତଙ୍କବାଦୀ ଆକ୍ରମଣର ପୀଡ଼ିତଙ୍କୁ ନ୍ୟାୟ ଦେବା ଲାଗି ଅଭିପ୍ରେତ । ଗତ ତିନିଦଶନ୍ଧି ଧରି ପାକିସ୍ତାନ ତା' ନିଜ ଭୂଖଣ୍ଡ ଓ ପାକିସ୍ତାନ ଅଧିକୃତ କାଶ୍ମୀରର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଭିତ୍ତିଭୂମି ସୃଷ୍ଟି କରି ସେଥିରେ ଅନେକଙ୍କୁ ନିଯୁକ୍ତି ଓ ପ୍ରଶିକ୍ଷଣ ଦେଇ ଆସୁଥିଲା । ପାକିସ୍ତାନକୁ ଜବାବ ଦେବା ଲାଗି ଭାରତ ଏବେ ନେଇଥିବା ପଦକ୍ଷେପ ସଂକ୍ରାନ୍ତରେ କଲୋନେଲ୍ ସୋଫିଆ ଓ ୱିଙ୍ଗ୍ କମାଣ୍ଡର ଭୌମିକା ସିଂ ସବିଶେଷ ତଥ୍ୟ ଦେଇଛନ୍ତି । ପାକିସ୍ତାନର ଆତଙ୍କବାଦୀ ଆଡ୍ଡାସ୍ଥଳୀକୁ କିଭଳି ଧ୍ୱଂସ କରାଯାଇଛି ଏବଂ ଭାରତ ପକ୍ଷରୁ କରାଯାଇଥିବା ଆକ୍ରମଣ କିପରି ସଫଳତା ପାଇଛି, ସେ ସଂକ୍ରାନ୍ତରେ ମଧ୍ୟ ସେମାନେ ସୂଚନା ଦେଇଛନ୍ତି ।

**V/O (Sofia)**

ବୈଦେଶିକ ବ୍ୟାପାର ସଚିବ ବିକ୍ରମ ମିଶ୍ରି କହିଛନ୍ତି ପହଲଗାମ ଆକ୍ରମଣରେ ପାକିସ୍ତାନର ସଂପୃକ୍ତି ଥିବା ନେଇ ତଦନ୍ତ ପରେ ଜଣାପଡ଼ିବା ପରେ ଭାରତ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ଭାରତୀୟ ଗୁଇନ୍ଦା ସଂସ୍ଥା ଅତି ସତର୍କତାର ସହିତ ଆତଙ୍କବାଦୀ ଆକ୍ରମଣକୁ ତର୍ଜମା କରି ଆସୁଥିଲା । ଶ୍ରୀ ମିଶ୍ରି କହିଛନ୍ତି ଗତ ମାସ ୨୨ ତାରିଖରେ ହୋଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣ ଲସ୍କରୀ ତୋଇବା ଓ ପାକିସ୍ତାନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା । ଫଳରେ ଜଣେ ନେପାଳୀ

ନାଗରିକଙ୍କ ସମେତ ୨୫ ଜଣ ପର୍ଯ୍ୟଟକଙ୍କର ମୃତ୍ୟୁ ଘଟିଥିଲା । ଆତଙ୍କବାଦୀମାନେ ପରିବାର ସଦସ୍ୟଙ୍କ ଆଖି ସାମ୍ନାରେ ପର୍ଯ୍ୟଟକମାନଙ୍କୁ ଗୁଳିକରି ହତ୍ୟା କରିଥିଲେ । ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଏହା ନାଗରିକଙ୍କ ଉପରେ ଭୟଙ୍କର ଆକ୍ରମଣ ଥିଲା ବୋଲି ଶ୍ରୀ ମିଶ୍ରି କହିଛନ୍ତି ।

**V/O (B. Mishri)**

---

# ଜେକେ କିଲ୍‌ଡ

ଭାରତୀୟ ସେନାର "ଅପରେସନ ସିନ୍ଦୂର" ପରେ ପାକିସ୍ତାନ ସେନା ଜାମ୍ମୁ ଓ କାଶ୍ମୀରର ନିୟନ୍ତ୍ରଣରେଖା-ଏଲ୍‌ଓସି ନିକଟବର୍ତ୍ତୀ ଗ୍ରାମ ଉପରେ ଗୁଳିଗୋଳା ବର୍ଷଣ କରିଛି । ଫଳରେ ୯ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪୧ ଜଣ ଆହତ ହୋଇଛନ୍ତି । ଆକାଶବାଣୀର ଜାମ୍ମୁ ଖବରଦାତାଙ୍କ ରିପୋର୍ଟ ଅନୁଯାୟୀ, ଭାରତୀୟ ସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରର ୯ଟି ଆତଙ୍କବାଦୀ ଆଡ୍ଡାସ୍ଥଳ ଉପରେ ଆକ୍ରମଣ କରିବା ପରେ ପାକିସ୍ତାନ ପକ୍ଷରୁ ପ୍ରତିଆକ୍ରମଣ କରାଯାଇଛି । ତେବେ ଭାରତୀୟ ସେନା ଏହାର କଡ଼ା ମୁକାବିଲା କରି ଶତ୍ରୁପକ୍ଷର ଅନେକ ଘାଟି ଧ୍ୱଂସ କରିଥିବା ବେଳେ ସେଠାକାର ଅନେକଙ୍କର ମୃତ୍ୟୁ ଘଟିଥିବା ଖବର ମିଳିଛି । ଏହି ଗୁଳିଗୋଳା ବର୍ଷଣରେ ପୁଞ୍ଛ୍ ଜିଲ୍ଲାରେ ସାଧାରଣ ନାଗରିକଙ୍କର ପ୍ରାଣହାନି ଘଟିଛି । ଏଠାରେ ୨୮ ଜଣ ଆହତ ହୋଇଥିବା ବେଳେ କେତେକଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି । ପାକିସ୍ତାନର ପ୍ରତିଆକ୍ରମଣରେ ସୀମାନ୍ତ ଅଞ୍ଚଳରେ ଲୋକମାନେ ଭୟଭୀତ

ହୋଇ ବଙ୍କର ମଧ୍ୟକୁ ପ୍ରବେଶ କରିଥିବା ବେଳେ ଆଉ କିଛି ନିରାପଦ ସ୍ଥାନକୁ ପଳାଇଯାଇଥିବା ଦେଖିବାକୁ ମିଳିଛି ।

ଏହି ଗୁଳିଗୋଳା ବର୍ଷଣ ଯୋଗୁଁ  ପୁଞ୍ଚ୍, ବାଲାକୋଟ, ମେନ୍ଧର, ମାନକୋଟେ, କ୍ରିଷ୍ଣାଘାଟି, ଗୁଲ୍‌ପୁର, କେର୍ଣ୍ଣି ଆଦି ନିୟନ୍ତ୍ରଣରେଖା ଅଞ୍ଚଳରେ ବହୁ ଆବାସସ୍ଥଳି ନଷ୍ଟ ହୋଇଛି । ସୀମାପାର ଗୁଳିଗୋଳା ବର୍ଷଣ ଯୋଗୁଁ  ବାରମୂଲା ଜିଲ୍ଲାର ଉରି ଅଞ୍ଚଳରେ ୫ ଜଣ ଶିଶୁଙ୍କ ସମେତ ୧୦ ଜଣ ଆହତ ହୋଇଥିବା ବେଳେ ରଜୌରୀ ଜିଲ୍ଲାର ୩ ଜଣ ମଧ୍ୟ ଆହତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ଜମ୍ମୁ, ସମ୍ବା, କାଠୁଆ, ରଜୌରୀ ଓ ପୁଞ୍ଚ୍ ଜିଲ୍ଲାରେ ଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକୁ ସ୍ଥାନୀୟ କର୍ତ୍ତୃପକ୍ଷ ବନ୍ଦ କରିଦେଇଛନ୍ତି ।

ସୂଚନାଯୋଗ୍ୟ ୨୦୨୧ ଫେବୃୟାରୀ ୨୫ ତାରିଖରେ ନିୟନ୍ତ୍ରଣରେଖା ଏବଂ ଅନ୍ତର୍ଜାତୀୟ ସୀମାରେ କରାଯାଇଥିବା  ଯୁଦ୍ଧବିରତି ପରଠାରୁ ଏହା ସଂପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଇଛି ।

---

## ପିଏମ୍ ଭିଜିଟ୍ ପୋଷ୍ଟପଣ୍ଡ୍

ଭାରତୀୟ ସେନା ଗତକାଲି ମଧ୍ୟରାତ୍ରିରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀର-ପିଓକେ ଅଞ୍ଚଳରେ ଥିବା ଆତଙ୍କବାଦୀ ଭିତ୍ତିଭୂମି ଉପରେ ଅପରେସନ 'ସିନ୍ଦୂର' ମାଧ୍ୟମରେ ଆକ୍ରମଣ କରିଥିବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ୩ ରାଷ୍ଟ୍ରୀୟ ବିଦେଶ ଗସ୍ତକୁ ସ୍ଥଗିତ କରିଛନ୍ତି । ସେ କ୍ରୋଏସିଆ, ନରୱେ ଏବଂ ନେଦରଲ୍ୟାଣ୍ଡ୍‌ସ ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିଲା ।

---

## ଶାହା-ସିଏମ୍ ଜେକେ

ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସୁରକ୍ଷା ସ୍ଥିତି ନେଇ ଆଜି ଜାମ୍ମୁକାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସହ ଆଲୋଚନା କରିଛନ୍ତି । ସୀମାବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଶ୍ରୀ ଶାହା ବିଏସଏଫ୍ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଛୁଟିରେ ଥିବା ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେବାକୁ ଅର୍ଦ୍ଧସାମରିକ ବାହିନୀର ମୁଖ୍ୟମାନଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ।

## ଫ୍ଲାଇଟ୍ କ୍ୟାନ୍‌ସେଲ୍

ଅପରେସନ ସିନ୍ଦୂର ପରେ ଏୟାର ଇଣ୍ଡିଆ ତା'ର କେତେକ ଘରୋଇ ଉଡ଼ାଣକୁ ବାତିଲ କରିଛି । ଏୟାର ଇଣ୍ଡିଆ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ ଜାମ୍ମୁ, ଶ୍ରୀନଗର ଲେହ, ଯୋଧପୁର, ଅମ୍ରିତସର, ଭୁଜ୍, ଜାମନଗର, ଚଣ୍ଡୀଗଡ଼ ଏବଂ ରାଜକୋଟକୁ ଚଳାଚଳ କରୁଥିବା ସମସ୍ତ ବିମାନ ଉଡ଼ାଣକୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି । ସାଂପ୍ରତିକ ସ୍ଥିତିକୁ ଲକ୍ଷ୍ୟ କରାଯାଇ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଏହିସବୁ ବିମାନ ବନ୍ଦର ଗୁଡ଼ିକୁ ସାମୟିକ ସମୟ ପାଇଁ ବନ୍ଦ କରାଯାଇଛି । ଯାତ୍ରୀମାନଙ୍କ ବୈଧ ଟିକେଟକୁ ଲଧ୍ୟ ରଖାଯାଇ ସେମାନଙ୍କୁ ପରବର୍ତ୍ତୀ ଉଡ଼ାଣ ପାଇଁ ସୁଯୋଗ ଦିଆଯିବ କିମ୍ବା ସେମାନଙ୍କର ଅର୍ଥ ଫେରସ୍ତ କରାଯିବା ନେଇ ନିଷ୍ପତ୍ତି ନିଆଯିବ ।

# କର୍ତ୍ତାରପୁର

ପାକିସ୍ତାନର କର୍ତ୍ତାରପୁରସ୍ଥିତ ଗୁରୁଦ୍ୱାର ଦରବାର ସାହିବକୁ ତୀର୍ଥଯାତ୍ରା ପାଇଁ ଖୋଲାଯାଇଥିବା କର୍ତ୍ତାରପୁର କରିଡରକୁ ବନ୍ଦ କରିଦିଆଯାଇଛି । ସରକାରୀ ସୂତ୍ରକୁ ଉଦ୍ଧାର କରି ଆମ ଜଳନ୍ଧର ପ୍ରତିନିଧି ଏହି ସୂଚନା ଦେଇଛନ୍ତି । ଏ ସଂକ୍ରାନ୍ତ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି ।

# ଅପରେସନ ସିନ୍ଦୂର-ଇସ୍ରାଏଲ୍

ଆତଙ୍କବାଦ ବିରୁଦ୍ଧରେ ଭାରତର ପଦକ୍ଷେପ ଅପରେସନ ସିନ୍ଦୂରକୁ ଇସ୍ରାଏଲ୍ ପ୍ରଶଂସା କରିଛି । ଭାରତରେ ଅବସ୍ଥାପିତ ଇସ୍ରାଏଲ୍ ରାଷ୍ଟ୍ରଦୂତ ରୁଭେନ୍ ଆଝାର କହିଛନ୍ତି, ଭାରତର ଆତ୍ମରକ୍ଷା ଅଧିକାରକୁ ଇସ୍ରାଏଲ୍ ସମର୍ଥନ କରୁଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରଦୂତ ଆଝାର କହିଛନ୍ତି ନିରୀହ ଲୋକଙ୍କ ବିରୁଦ୍ଧରେ ଘୃଣ୍ୟ ଅପରାଧରୁ ଲୁଚିବା ପାଇଁ କୌଣସି ସ୍ଥାନ ନାହିଁ ବୋଲି ଆତଙ୍କବାଦୀ ଜାଣିବା ଦରକାର ।

# ପିଏମ୍ ସ୍ପେସ୍ ସେକ୍ଟର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ଏହାର ମହାକାଶ କ୍ଷେତ୍ରକୁ ଷ୍ଟାର୍ଟଅପ୍, ଉଦ୍ୟୋଗୀ ଏବଂ ଯୁବବର୍ଗଙ୍କ ପାଇଁ ଉନ୍ମୁକ୍ତ କରିଛି । ଦେଶରେ ଆଜି ୨୫୦ରୁ ଅଧିକ ମହାକାଶ ଷ୍ଟାର୍ଟଅପ୍ ରହିଛି । ସେମାନେ ସାଟେଲାଇଟ୍ ଟେକ୍ନୋଲୋଜି ତଥା ଅନ୍ୟାନ୍ୟ କ୍ଷେତ୍ରରେ ଅଗ୍ରଗତିରେ ଯୋଗଦାନ କରୁଛନ୍ତି । ମହାକାଶ ଅନୁସନ୍ଧାନ ଉପରେ ବିଶ୍ୱ ସମ୍ମିଳନୀ ପାଇଁ ତାଙ୍କ ଭିଡ଼ିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବୈଜ୍ଞାନିକ ଅନୁସନ୍ଧାନର ସୀମାକୁ ଆଗକୁ ବଢ଼ାଇ ଭାରତ ନୂତନ ଆତ୍ମବିଶ୍ୱାସର ସହ ଅଗ୍ରସର ହେଉଛି ।

# V/O (PM)

## କ୍ୟାବିନେଟ୍

ଜାତୀୟ ଶିଳ୍ପ ପ୍ରଶିକ୍ଷଣ ପ୍ରତିଷ୍ଠାନ-ଆଇଟିଆଇର ଉନ୍ନତିକରଣ ଓ ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାକୁ କେନ୍ଦ୍ର କ୍ୟାବିନେଟ୍ ମଂଜୁରୀ ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ଯୋଜନାରେ ୧ ହଜାର ସରକାରୀ ଆଇଟିଆଇର ଉନ୍ନତିକରଣ ଓ ୫ଟି ଜାତୀୟ ଦକ୍ଷତା ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଗତ ଏବଂ ଚଳିତ ଆର୍ଥିକବର୍ଷର ବଜେଟ୍ ଘୋଷଣା ଅନୁଯାୟୀ ଏହି ପ୍ରତିଷ୍ଠାନଗୁଡ଼ିକୁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବରେ କାର୍ଯ୍ୟକାରୀ କରାଯିବ । ଏଥିପାଇଁ ୬୦ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଜାମ୍ମୁକାଶ୍ମୀର, କର୍ଣ୍ଣାଟକ ଓ କେରଳରେ ପ୍ରତିଷ୍ଠା ହୋଇଥିବା ୫ଟି ଭାରତୀୟ ବୈଷୟିକ ପ୍ରତିଷ୍ଠାନର ଶିକ୍ଷାଗତ ଓ ଭିତ୍ତିଭୂମି କ୍ଷମତା ସଂପ୍ରସାରଣକୁ କ୍ୟାବିନେଟ୍ ଅନୁମୋଦନ କରିଥିବା ମନ୍ତ୍ରଣାଳୟ ସୂଚନା ଦେଇଛି । ଶିକ୍ଷାମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଶିଳ୍ପ-ଶିକ୍ଷା ସଂପର୍କକୁ ସୁଦୃଢ଼ କରିବା ପାଇଁ ୫ଟି ନୂତନ ଅତ୍ୟାଧୁନିକ ଗବେଷଣା ପାର୍କ ନିର୍ମାଣ କରାଯାଉଛି ।

## ମକ୍ ଡ୍ରିଲ୍

କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବେସାମରିକ ପ୍ରତିରକ୍ଷା ପ୍ରସ୍ତୁତିର ମୂଲ୍ୟାଙ୍କନ ପାଇଁ ଆଜି ମକ୍‌ଡ୍ରିଲ କରାଯିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୂଚନା ଅନୁସାରେ ଦେଶର ୨୪୪ଟି ନିର୍ଦ୍ଦିଷ୍ଟ

ବେସାମରିକ ପ୍ରତିରକ୍ଷା ଜିଲ୍ଲାରେ’ ବେସାମରିକ ପ୍ରତିରକ୍ଷା ଅଭ୍ୟାସ ଆୟୋଜନ କରାଯିବ । ଶତ୍ରୁପକ୍ଷରୁ ଆକ୍ରମଣ ହେଲେ ନିଜକୁ ସୁରକ୍ଷିତ ରଖିବା ପାଇଁ ସାଧାରଣ ନାଗରିକ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରତିରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ଏଥିରେ ପ୍ରଶିକ୍ଷଣ ଦିଆଯିବ । ଏୟାର ରେଡ ୱାର୍ଣ୍ଣିଂ ବ୍ୟବସ୍ଥାର ସୁଫଳ ଆକଳନ କରିବା ଏବଂ ଭାରତୀୟ ବାୟୁସେନା ସହିତ ରେଡ଼ିଓ କମ୍ୟୁନିକେଶନ ଲିଙ୍କ କାର୍ଯ୍ୟକ୍ଷମ କରିବା ସହିତ କଣ୍ଟ୍ରୋଲ ରୁମ୍ ଗୁଡ଼ିକର କାର୍ଯ୍ୟକାରୀତା ପରୀକ୍ଷା କରିବା ହେଉଛି ଏହି ମକ୍‌ଡ୍ରିଲ୍‌ର ଉଦ୍ଦେଶ୍ୟ ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଆଜି ଓଡ଼ିଶାର ୧୨ଟି ସ୍ଥାନରେ ସୁରକ୍ଷା ସଂପର୍କିତ ମକ୍‌ଡ୍ରିଲ୍ ହେବ । ସେହି ସ୍ଥାନଗୁଡ଼ିକ ହେଉଛି– ଭୁବନେଶ୍ୱର, ବାଲେଶ୍ୱର, କୋରାପୁଟ, ଗୋପାଳପୁର, ହୀରାକୁଦ, ପାରାଦ୍ୱୀପ, ରାଉରକେଲା, ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର, କେନ୍ଦ୍ରାପଡା ଓ ତାଳଚେର । ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ଣ ୪ଟାରେ ମକ୍‌ଡ୍ରିଲ୍ ପାଇଁ ସାଇରନ୍ ବାଜିବ। ପ୍ରଥମ ପର୍ଯ୍ୟାୟରେ ଆଜି ଉପକୂଳବର୍ତ୍ତୀ ଜିଲ୍ଲା ଓ ସହରାଞ୍ଚଳରେ ମକ୍‌ଡ୍ରିଲ୍ କରାଯିବ। ୫ ମିନିଟ୍ ପରେ ପୁଣି ଥରେ ସାଇରନ୍ ବାଜିଲେ ମକ୍‌ଡ୍ରିଲ୍ ଶେଷ ହେବ ।

---

## ଆଇ.ପି.ଏଲ୍.

ଆଇ.ପି.ଏଲ୍.ର କ୍ରିକେଟ୍‌ରେ ଆଜି କୋଲ୍‌କାତା ନାଇଟ୍ ରାଇଡର୍ସ ଓ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ କୋଲକାତାର ଇଡେନ୍ ଗାର୍ଡ଼େନଠରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ଗତକାଲି ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ’ ମୁମ୍ବାଇ ଇଣ୍ଡିଆନ୍ସକୁ ଡକ୍‌ୱର୍ଥ–ଲିୱିସ୍–ଷ୍ଟର୍ଣ୍ଣ – ଡି.ଏଲ୍.ଏସ୍. ପଦ୍ଧତିରେ ପରାସ୍ତ କରିଥିଲା ।

---